**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**4 December - 2024**

**News Editor *: Itishree Singh Rathaur***

# ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ରାଷ୍ଟ୍ରପତି' ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗଦେବେ । ଅପରାହ୍ନରେ ପୁରୀ ବ୍ଲୁ ଫ୍ଲାଗ୍ ବେଳାଭୂମିରେ ନୌସେନା ଦିବସ ସମାରୋହ ଓ ସମର କୌଶଳ ପ୍ରଦର୍ଶନରେ ରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗଦେବେ ।

ରାଷ୍ଟ୍ରପତି ଆସନ୍ତାକାଲି ଭୁବନେଶ୍ୱରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ନ୍ୟାୟିକ ଅଦାଲତର ନୂଆ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବେ । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୬ ମହଲା ବିଶିଷ୍ଟ ମୁଖ୍ୟ ଅଟ୍ଟାଳିକାରେ ୫୬ଟି ଅଦାଲତ ପ୍ରକୋଷ୍ଠ ସହ ରେକର୍ଡ ରୁମ୍, ପାଠାଗାର, ସମ୍ମିଳନୀକକ୍ଷ ରହିଛି ।

୬ ତାରିଖ ଶୁକ୍ରବାର ଦିନ ରାଷ୍ଟ୍ରପତି ମୟୂରଭଞ୍ଜ ଉପରବେଡ଼ାଠାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ମତବିନିମୟ କରିବେ ଏବଂ ସେହିଦିନ

ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କ ସହ କଥାହେବେ।

୭ ତାରିଖ ଶନିବାର ଦିନ ଶ୍ରୀମତୀ ମୁର୍ମୁ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

---

# ନୌସେନା ଦିବସ

କରାଚୀ ଉପରେ ଆକ୍ରମଣ ସ୍ମୃତିରେ ଆଜି ନୌସେନା ଦିବସ ପାଳନ କରାଯାଉଛି । ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ପ୍ରାୟ ଦେଢ଼ଘଣ୍ଟା ଧରି ନୌସେନା ଉତ୍ସବ ପାଳନ କରାଯିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ରାଷ୍ଟ୍ରପତିଙ୍କ ସମେତ ପ୍ରାୟ ୭ ହଜାର ୫୦୦ ନିମନ୍ତ୍ରିତ ଅତିଥି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ । ପୁରୀ ସମୁଦ୍ର ବେଳାଭୂମିରେ ୪ଟି ଟ୍ୟାଙ୍କ, ୧୫ଟି ଯୁଦ୍ଧ ଜାହାଜ, ୩୦ଟି ଯୁଦ୍ଧ ହେଲିକପ୍ଟର, ୫ଟି ଯୁଦ୍ଧ ବିମାନ, ୫ଟି ଜେଟ୍ ସେମାନଙ୍କ ଯୁଦ୍ଧ କୌଶଳ ପ୍ରଦର୍ଶନ କରିବେ ।

---

# ସ୍କୁଲ୍ ବନ୍ଦ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜି ପୁରୀ ଗସ୍ତ ଏବଂ ସେଠାରେ ନୌସେନା ଦିବସ ପାଳନ ଉପଲକ୍ଷେ ପୁରୀ ପୌରପାଳିକାର ସମସ୍ତ ସରକାରୀ ଓ

ବେସରକାରୀ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ ରହିବ । ମାତ୍ର ଏନ୍.ସି.ଇ.ଆର୍.ଟି. ଦ୍ୱାରା ପରିଚାଳିତ 'ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ-୨୦୨୪' ଜାତୀୟ ସ୍ତରର ପରୀକ୍ଷା ହୋଇଥିବାରୁ ପୁରୀ ପୌରପାଳିକା ଅନ୍ତର୍ଗତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ବନ୍ଦ ରହିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ସୂଚନା ଦେଇଛନ୍ତି ।

## ଜଳବିଦ୍ୟୁତ୍ ପ୍ରକଳ୍ପ-ଉପମୁଖ୍ୟମନ୍ତ୍ରୀ

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗତକାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ସରକାର ରାଜ୍ୟରେ ୪ଟି ଜଳ ବିଦ୍ୟୁତ୍ ପ୍ରକଳ୍ପ କରିବାକୁ ଅନୁମୋଦନ କରିଛନ୍ତି । ସେଥିମଧ୍ୟରୁ ୩ଟି ପମ୍ପ୍‌ଡ୍ ଷ୍ଟୋରେଜ୍ ପ୍ରକଳ୍ପ ଓ ଗୋଟିଏ ହାଇଡ୍ରୋ ଇଲେକ୍‌ଟ୍ରିକ୍ ପ୍ରକଳ୍ପ ରହିଛି । କଳାହାଣ୍ଡି ଜିଲ୍ଲାର ୬ଶହ ମେଗାୱାଟ୍ ଉପର ଇନ୍ଦ୍ରାବତୀ ପ୍ରକଳ୍ପ, କୋରାପୁଟ ଜିଲ୍ଲାର ୬ଶହ ମେଗାୱାଟ୍ ଉପର କୋଲାବ ପ୍ରକଳ୍ପ, ମାଲକାନଗିରି ଜିଲ୍ଲାର ୫ଶହ ମେଗାୱାଟର ବାଲିମେଳା ପ୍ରକଳ୍ପ ଏବଂ କନ୍ଧମାଳ ଜିଲ୍ଲାର ୬୩ ମେଗାୱାଟ୍ ବିଶିଷ୍ଟ ଖଡ଼ଗ ଜଳ ବିଦ୍ୟୁତ୍ ପ୍ରକଳ୍ପ ରହିଛି । ଏହା ଦ୍ୱାରା ଜଳବାୟୁ ଓ ପରିବେଶର ସ୍ୱଚ୍ଛତା ବଜାୟ ରହିବା ସହ ରାଜ୍ୟର ପ୍ରାକୃତିକ ସମ୍ପଦକୁ ବ୍ୟବହାର କରି ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ୍ ଚାହିଦା ମେଣ୍ଟାଇ ହେବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

# ପ୍ରବାସୀ ଭାରତୀୟ ଦିବସ

ଭୁବନେଶ୍ୱର ଜନତା ମଇଦାନ ଠାରେ ଜାନୁଆରୀ ମାସ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯିବ । ପ୍ରଥମଥର ପାଇଁ ଓଡ଼ିଶାରେ ଏହି ୩ ଦିନିଆ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚାଲିଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରାଯିବା ସହ ୧୪ଟି ଉପକମିଟି ଗଠନ କରାଯାଇଛି ।

# ଆଳୁ

ପଶ୍ଚିମବଙ୍ଗରେ ଆଳୁ ବ୍ୟବସାୟୀଙ୍କ ଧର୍ମଘଟ ପ୍ରତ୍ୟାହାର ହୋଇଥିବାରୁ ଆସନ୍ତାକାଲିଠାରୁ ଓଡ଼ିଶା ସମେତ ଅନ୍ୟ ରାଜ୍ୟକୁ ଆଳୁ ଯୋଗାଣ ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି । ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଇତିମଧ୍ୟରେ ୧୦୦ ଆଳୁ ଟ୍ରକ୍ ଓଡ଼ିଶାରେ ପହଞ୍ଚିଛି । ସେଥିମଧ୍ୟରୁ ଭୁବନେଶ୍ୱର ଆଇଗଣିଆସ୍ଥିତ ଆଳୁ ମଣ୍ଡିକୁ ୧୭ଟ୍ରକ୍ ଅଣାଯାଇଛି ବୋଲି ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ମିଳିଛି ।

# ଭାଷା ଉତ୍ସବ

ରାଜ୍ୟର ସମସ୍ତ ସ୍କୁଲ୍‌ରେ ଆଜିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଭାରତୀୟ ଭାଷା ଉତ୍ସବ ପାଳନ କରାଯିବ । ଆସନ୍ତା ୧୧ ତାରିଖରେ ମହାକବି ସୁବ୍ରମଣ୍ୟମ ଭାରତୀଙ୍କ ଜନ୍ମତିଥି ଅବସରରେ ଏହି ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଭାଷା ମାଧ୍ୟମରେ ଏକତା ।** କେନ୍ଦ୍ର

ଶିକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ-ଓସେପା ପକ୍ଷରୁ ସମସ୍ତ ଶିକ୍ଷା ପ୍ରତିଷ୍ଠାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏହି ଉତ୍ସବ ପାଳନ କରାଯିବ ।

## ଚିନିକଳ-କିଷାନ ସଂଘ

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ଗତକାଲି ଭାରତୀୟ କିଷାନ ସଂଘର ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ବଲାଙ୍ଗୀର ଓ ନୟାଗଡ଼ ଜିଲ୍ଲାରେ ଚିନିକଳର ପୁନରୁଦ୍ଧାର ଏବଂ ପୁନଃ କାର୍ଯ୍ୟକ୍ଷମ ନେଇ ଆଲୋଚନା କରିଛନ୍ତି । ଚିନିକଳ ବନ୍ଦ ହେବାର ପ୍ରମୁଖ କାରଣକୁ ଅନୁଧ୍ୟାନ କରି ପୁନଶ୍ଚ କାର୍ଯ୍ୟକ୍ଷମ କରିବା ନିମନ୍ତେ ପ୍ରତିନିଧି ମଣ୍ଡଳୀ ପ୍ରସ୍ତାବ ଦେଇଥିଲେ ।

## ନନ୍ଦନକାନନ

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୬୮ ପ୍ରଜାତିର ୪ ହଜାର ୨୪୨ଟି ବନ୍ୟପ୍ରାଣୀ ଅଛନ୍ତି । ସେଥିମଧ୍ୟରୁ ୭୮ ପ୍ରଜାତିର ୧ ହଜାର ୮୭୧ ପକ୍ଷୀ, ୫୪ ପ୍ରଜାତିର ୧ ହଜାର ୯୮୦ଟି ସ୍ତନ୍ୟପାୟୀ ପ୍ରାଣୀ, ୩୦ ପ୍ରଜାତିର ୩୭୦ଟି ସରୀସୃପ ଥିବା  ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ସୂଚନା ଦେଇଛନ୍ତି । ସେହିପରି କପିଳାସ ହରିଣ ପାର୍କରେ ୨୨ ପ୍ରଜାତିର ୩୬୩ଟି ବନ୍ୟପ୍ରାଣୀ, ହରିଶଙ୍କର ହରିଣ ପାର୍କରେ ୬୩୪ଟି ବନ୍ୟପାରୀ, ତପ୍ତପାଣି ହରିଣ ପାର୍କରେ ୧୩୬ଟି ବନ୍ୟାପ୍ରାଣୀ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।